# ଅଥଃ 'ସ୍ୱାମୀ' ଜିଜ୍ଞାସା

**ସ୍ୱାମିଜୀ କୀ ଜୟ**

ଗତ ମାସେ ଧରି ଓଡିଶାର ଗଣମାଧ୍ୟମ ଓ ଲୋକଚର୍ଚ୍ଚା ଭିତରେ 'ସ୍ୱାମୀ' ଓ 'ସ୍ୱାମିଜୀ' ଶବ୍ଦର ବହୁଳ ବ୍ୟବହାର ଦେଖିବାକୁ ମିଳିଛି । ଏହି ଗୁରୁତ୍ୱପୂର୍ଣ୍ଣ ଶବ୍ଦର ଅର୍ଥ ନବୁଝି ଆବାଳ ବୃଦ୍ଧ ବନିତା ଏହି ଶବ୍ଦ ପ୍ରୟୋଗ କରିଚାଲିଛନ୍ତି । କେବଳ ଏତିକି ନୁହେଁ, ଗତ ୧୫ ଓ ୧୬ ତାରିଖରେ ଏହି ଲେଖକ ଦଙ୍ଗା-ବିଧ୍ୱସ୍ତ କନ୍ଧମାଳ ଜିଲ୍ଲା ଗସ୍ତ କରିବା ଅବସରରେ ଜାଣିବାକୁ ପାଇଥିଲା, ଲକ୍ଷ୍ମଣାନନ୍ଦ ହତ୍ୟା ପରେ ଯେଉଁ ଦୁର୍ବୃତ୍ତମାନେ ବାଛି ବାଛି ଖ୍ରୀଷ୍ଟିଆନ୍ ବସତିଗୁଡିକୁ ଯାଇ ସେମାନଙ୍କ ଘରଦ୍ୱାର ଜଳାଇଦେଲେ, ଆସବାବପତ୍ର ପୋଡିଦେଲେ, ସିନ୍ଧୁକ ଓ ଆଲମିରା ତାଡି ଗହଣାଗାଣ୍ଠି ଓ ଟଙ୍କାପଇସା ଲୁଟିନେଲେ, ତଥା ଟେଲିଭିଜନ୍ ଆଦି ମୂଲ୍ୟବାନ ଇଲେକ୍ଟ୍ରନିକ ସାମଗ୍ରୀ ସହିତ ଗାଈବଳଦ, ଛେଳି ଓ କୁକୁଡା ଆଦି ପଶୁସମ୍ପଦ ଲୁଣ୍ଠନକଲେ ଏବଂ ସର୍ବୋପରି ସେମାନଙ୍କର ଗୀର୍ଜାଘର ଓ ଆରାଧ୍ୟ ଈଶ୍ୱର ଯୀଶୁଖ୍ରୀଷ୍ଟଙ୍କ ଛବି ଓ ମୂର୍ତ୍ତୀକୁ ଭଙ୍ଗାରୁଜା କରି ପଦଦଳନ କଲେ, ସେମାନେ ଏହି ବର୍ବରୋଚିତ କାଣ୍ଡ ଘଟାଉଥିବା ବେଳେ 'ସ୍ୱାମିଜୀ କୀ ଜୟ' ଧ୍ୱନି ଦେଉଥିଲେ । ଏହାଛଡା ସମସ୍ତେ ଜାଣନ୍ତି, ଗତ ଅଗଷ୍ଟ ୨୫ରେ ଓଡିଶାବନ୍ଦ ବେଳେ ପଦ୍ମପୁରରେ ଗୋଟିଏ ଖ୍ରୀଷ୍ଟିଆନ୍-ପରିଚାଳିତ ଅନାଥାଶ୍ରମ ଉପରେ ଆକ୍ରମଣ କରି ଦଳେ ଦୁର୍ବୃତ୍ତ ରଜନୀ ମାଝି ବୋଲି ଜଣେ ହିନ୍ଦୁ ଝିଅକୁ ଜଳନ୍ତାନିଆଁକୁ ଠେଲିଦେବା ବେଳେ ମଧ୍ୟ ଧ୍ୱନି ଦେଉଥିଲେ 'ସ୍ୱାମିଜୀ କୀ ଜୟ' । ପୁଣି କନ୍ଧମାଳରେ ଦୁର୍ବୃତ୍ତମାନେ କେବଳ ଖ୍ରୀଷ୍ଟିଆନ୍ ନୁହଁନ୍ତି, ଅନେକ ଅଣ-ଖ୍ରୀଷ୍ଟିଆନ୍ ହରିଜନ ଓ ଆଦିବାସୀ ଲୋକଙ୍କ ଘରପୋଡିବା ଓ ସ୍ତ୍ରୀପୁରୁଷ ନିର୍ବିଶେଷରେ ସେମାନଙ୍କୁ କଲବଲ କରି ମାରଧର କଲାବେଳେ ମଧ୍ୟ ଧ୍ୱନି ଦେଉଥିଲେ 'ସ୍ୱାମିଜୀ କୀ ଜୟ' । ସେମାନେ ଆଉ କେତେକ ଧ୍ୱନି ମଧ୍ୟ ଦେଉଥିଲେ, ଯଥା, ଜୟ ଶ୍ରୀରାମ, ଜୟ ବଜରଙ୍ଗବଲୀ, ଭାରତମାତା କୀ ଜୟ, ଓ ହିନ୍ଦୁ-ହିନ୍ଦୁ ଭାଇ-ଭାଇ । 'ସ୍ୱାମିଜୀ' ନାଁ ନେଇ ଆମରାଜ୍ୟରେ ଯେଉଁ ନାରକୀୟ ଘଟଣାକ୍ରମ ଘଟିଗଲା, ତାହାର ଦୃଷ୍ଟାନ୍ତ ଓଡିଶାର ଆଧୁନିକ ଇତିହାସରେ ଦେଖିବାକୁ ମିଳିବନି, ହୁଏତ୍ ମଧ୍ୟଯୁଗରେ ଓଡିଶା ଉପରେ କଳାପାହାଡର ଆକ୍ରମଣ ବେଳେ ବା ଉତ୍ତର-ପଶ୍ଚିମ ଭାରତରେ ଦେଶବିଭାଜନ ବେଳେ ଘଟିଥାଇପାରେ । ବର୍ତ୍ତମାନ କେବଳ ଓଡିଶା ନୁହେଁ, ସାରା ଦେଶ ଓ ବିଶ୍ୱର ଜନମାନସରେ ଏକ ସ୍ୱାଭାବିକ ପ୍ରଶ୍ନ ଉଙ୍କିମାରୁଛି, ଭାରତରେ 'ସ୍ୱାମିଜୀ'ଙ୍କ ଚେଲାମାନେ କ'ଣ ମଧ୍ୟଯୁଗର ଲୁଣ୍ଠନକାରୀ ଚେଙ୍ଗିଜ୍ ଖାଁ ଓ ତୈମୁର ଲଙ୍ଗ୍ ଏବଂ ବର୍ତ୍ତମାନର ତାଲିବାନ୍‌ଙ୍କ ଭଳି ଏତେ ନୃଶଂସ ଓ ବର୍ବର ହୋଇପାରନ୍ତି ? ଏବଂ ପୁଣି ମଧ୍ୟ ପ୍ରଶ୍ନ ଉଠିଛି, ଯଦି 'ସ୍ୱାମିଜୀ'ଙ୍କ ଚେଲାମାନେ ଏତେ ଦୁର୍ଦ୍ଧାନ୍ତ ହୋଇପାରିଲେ, ଖୋଦ୍ ସ୍ୱାମିଜୀ କ'ଣ ହୋଇନଥିବେ ! ସୁତରାଂ ଭାରତୀୟ ସଭ୍ୟତାରେ କିଏ 'ସ୍ୱାମୀ' ପଦବାଚ୍ୟ, ସେହି ଜିଜ୍ଞାସା ହିଁ ଏହି ଲେଖା ପଛରେ ମୂଳ ପ୍ରେରଣା ।

**'ସ୍ୱାମୀ' କିଏ ?**

'ସ୍ୱାମୀ' ଏକ ସଂସ୍କୃତ ଶବ୍ଦ, ଆଧ୍ୟାତ୍ମିକ ସାହିତ୍ୟରେ ଯାହାର ଅର୍ଥ ହେଉଛି, ଯେ କି 'ସ୍ୱ' ବା ନିଜ ଆତ୍ମାକୁ ପରମାତ୍ମାଙ୍କ ଅଂଶବିଶେଷ ବା ପ୍ରତିନିଧି ରୂପେ ଚିହ୍ନି ପାରିଛି, ଏବଂ ସେହି ହେତୁ ସେ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିଥାଏ ଏବଂ କାହା ବିରୁଦ୍ଧରେ ହିଂସା, ଦ୍ୱେଷ ଏବଂ କ୍ରୋଧ ପୋଷଣ କରିବାର ପ୍ରଶ୍ନ ଉଠିନଥାଏ । କିନ୍ତୁ ବଡ ବିସ୍ମୟର କଥା, ଏପ୍ରକାର ଗୁଣାବଳୀ ଲେଶ୍ ମାତ୍ର ବହନ କରିନଥିବା ଶହଶହ 'ସ୍ୱାମୀ' ଚତୁର୍ଦ୍ଦିଗକୁ ମଣ୍ଡନ କରୁଛନ୍ତି ଏବଂ କେବଳ ସାଧାରଣ ଲୋକେ ନୁହଁନ୍ତି, ରାଜନେତା, ପ୍ରଶାସକ, ସାମ୍ବାଦିକ, ଓକିଲ, ଶିଳ୍ପପତି ଓ ବୁଦ୍ଧିଜୀବି ସେମାନଙ୍କୁ 'ସ୍ୱାମୀ'ର ମାନ୍ୟତା ମଧ୍ୟ ଦେଉଛନ୍ତି । କିନ୍ତୁ ଏହା ସତ୍ତ୍ୱେ ଆମ ଭାରତର ମହାନ୍ ସୌଭାଗ୍ୟ ଯେ, ଏବେବି ସାର୍ବଜନୀନ ଅର୍ଥରେ, ଅର୍ଥାତ୍ ଦେଶ ଭିତରେ ଏବଂ ସାରା ପୃଥିବୀରେ 'ସ୍ୱାମୀ' କହିଲେ କେବଳ ଜଣେ ବ୍ୟକ୍ତିଙ୍କୁ ହିଁ ବୁଝାଏ, ସ୍ୱାମୀ ବିବେକାନନ୍ଦ (୧୮୬୩-୧୯୦୨) । ଯେତେବେଳେ ଭାରତ ସଂପୂର୍ଣ୍ଣଭାବେ ଇଂରେଜମାନଙ୍କ ଦ୍ୱାରା କବଳିତ ଏବଂ ଦେଶ ଭିତରେ ଉତ୍କଟ ଜାତିପ୍ରଥା ଓ କୁସଂସ୍କାର ଯୋଗୁଁ ଦଳିତ ଓ ଏପରିକି ଉଚ୍ଚବର୍ଣ୍ଣର ଲୋକେ ଖ୍ରୀଷ୍ଟଧର୍ମ ଓ ଅନ୍ୟ ଧର୍ମକୁ ଧର୍ମାନ୍ତରିତ ହେଉଥିଲେ ତଥା ସାରା ଦେଶ ପରାଧୀନତା ଓ ହୀନମନ୍ୟତାର ଆତ୍ମଗ୍ଲାନିରେ ଜର୍ଜରିତ ଥିଲା, ଠିକ୍ ସେତିକିବେଳେ ସତେ ଯେମିତି ଗୀତାର ଭବିଷ୍ୟବାଣୀ 'ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତଃ . . .'କୁ ପୂରଣ କରିବାକୁ ଯାଇ ବିବେକାନନ୍ଦ ଭାରତର ଜଣେ ଶ୍ରେଷ୍ଠ ସନ୍ତାନ ରୂପେ ଆବିର୍ଭୂତ ହୋଇଥିଲେ । ଏକଥା କହିବା ବାହୁଲ୍ୟ, ସ୍ୱାମୀ ବିବେକାନନ୍ଦ ତାଙ୍କର ସ୍ୱଳ୍ପାୟୁ ଜୀବନକାଳ ଭିତରେ ବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଭାରତର ଧାର୍ମିକ ଓ ସାମାଜିକ ଜୀବନ-ପ୍ରବାହରେ ଯେଉଁ ଅଭୂତପୂର୍ବ ଗତିଶୀଳତା ଆଣିପାରିଥିଲେ, ତାହା ଗୋଖ୍‌ଲେ, ଲାଲ୍‌ବାଲ୍‌ପାଲ, ଶ୍ରୀଅରବିନ୍ଦ, ମାଲବ୍ୟ, ଖୁଦିରାମ୍, ଭଗତସିଂ, ସୁଭାଷ, ଗାନ୍ଧିଜୀ, ଆମ୍ବେଦ୍‌କର ଓ ସଭରକର୍‌ଙ୍କ ସମେତ ସମସ୍ତ ଜାତୀୟ ନେତାଙ୍କୁ ଉଦ୍‌ବୁଦ୍ଧ କରିପାରିଥିଲା । ସେମାନେ ସମସ୍ତେ ନିର୍ବିବାଦରେ ଗଭୀର ଶ୍ରଦ୍ଧାର ସହ ବିବେକାନନ୍ଦଙ୍କୁ ସ୍ୱାମିଜୀ ବୋଲି ସମ୍ମାନ ଜଣାଇଛନ୍ତି । ୧୮୯୩ରେ ଚିକାଗୋର ବିଶ୍ୱ ଧର୍ମସମ୍ମିଳନୀରେ ହିନ୍ଦୁଧର୍ମ ଉପରେ ତାଙ୍କର ମର୍ମସ୍ପର୍ଶୀ ଭାଷଣ ପରେ ସେ ମଧ୍ୟ ସାରା ପୃଥିବୀରେ 'ସ୍ୱାମିଜୀ' ରୂପେ ପରିଚିତ ହେଲେ ।

**ହିନ୍ଦୁଧର୍ମର ଗାରିମା**

୧୮୯୩ରେ ଚିକାଗୋରେ ଅନୁଷ୍ଠିତ ଆନ୍ତର୍ଜାତିକ ଧର୍ମ ସମ୍ମିଳନୀରେ ସେ ଭାରତର ଲକ୍ଷ୍ୟ ଓ ହିନ୍ଦୁଧର୍ମର ଯେଉଁ ସାରତତ୍ତ୍ୱ ଉପସ୍ଥାପନ କରିଥିଲେ, ଓ ଯାହାଫଳରେ ସେ ଆମ ସଭ୍ୟତାକୁ ସମଗ୍ର ବିଶ୍ୱମାନବତା ଆଗରେ ଆଦରଣୀୟ କରାଇପାରିଥିଲେ, ତାହାର ପ୍ରାସଙ୍ଗିକତା ଅତୀତରେ ଯେମିତି ଥିଲା, ବର୍ତ୍ତମାନ ମଧ୍ୟ ଅଛି । ସେ କହିଥିଲେ, "ମୁଁ ଗର୍ବିତ ମୋର ଧର୍ମ ପାଇଁ, କାରଣ ଏହା ସମଗ୍ର ବିଶ୍ୱକୁ ଉଭୟ ସହିଷ୍ଣୁତା ଏବଂ ଅନ୍ୟକୁ ଗ୍ରହଣ କରିବାର ଗୁଣ ଶିକ୍ଷା ଦେଇଛି । ଆମେ ଯେ କେବଳ ସମସ୍ତଙ୍କ ପ୍ରତି ସହିଷ୍ଣୁ ହୋଇଥାଉ, ତାହା ନୁହେଁ, ସମସ୍ତ ଧର୍ମକୁ ସତ୍ୟ ବୋଲି ମନେ କରିଥାଉ । ମୁଁ ପୁଣି ଗର୍ବିତ, ମୋର ଜାତି ପାଇଁ, ଯେ କି ପୃଥିବୀର ସମସ୍ତ ଧର୍ମ ଓ ଭୂଖଣ୍ଡରୁ ନିର୍ଯ୍ୟାତିତ ହୋଇ ଆସିଥିବା ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେଇଛି" । ସେ ଉଦାହରଣ ଦେଇ କହିଥିଲେ, ଅତ୍ୟାଚାରୀ ରୋମ୍ ଦ୍ୱାରା ଇସ୍ରାଏଲ୍‌ବାସୀଙ୍କ ଧର୍ମପୀଠ ଧ୍ୱଂସବିଧ୍ୱଂସ୍ତ ହେଲା ପରେ ସେମାନଙ୍କୁ ତଥା ପରବର୍ତ୍ତୀ ସମୟରେ ଉତ୍ପୀଡିତ ଜୋରାଷ୍ଟ୍ରିଆନ୍‌ମାନଙ୍କୁ ଏହି ଭାରତ ସବୁଦିନ ପାଇଁ ନିଜ ଭିତରେ ଆଶ୍ରୟ ଦେଇଛି । ଅନ୍ୟସମସ୍ତ ଧର୍ମକୁ ସତ୍ୟ ବୋଲି ମନେ କରିବାର ଭାବନା ଯେ କୋଟିକୋଟି ଭାରତବାସୀଙ୍କ ଧର୍ମବିଶ୍ୱାସରେ ଅଙ୍ଗୀଭୂତ ହୋଇରହିଛି, ତହିଁର ପ୍ରମାଣ ସ୍ୱରୂପ ସେ ଭଗବତ୍ ଗୀତାର ଉକ୍ତିକୁ ଉଦ୍ଧାର କରି କହିଥିଲେ, ଯିଏ ଯେଉଁ ମାର୍ଗ ଅନୁସରଣ କରୁନା କାହିଁକି, ସେ ପରମାତ୍ମା, ଯାହାକି ସତ୍ୟର ଅନ୍ୟନାମ, ସେଠାରେ ପହଞ୍ଚିପାରିବ । କାରଣ, ଋକ୍‌ବେଦର ଏକ ବାକ୍ୟ, ଯାହାକି ପରବର୍ତ୍ତୀ ସମୟରେ ତାଙ୍କର ଏକ ପ୍ରିୟ ଉକ୍ତି ଥିଲା, ତାହା ହେଉଛି, ଏକଂ ସତ୍, ବିପ୍ରାଃ ବହୁଧା ବଦନ୍ତି । ଏହି କଥା ମଧ୍ୟ, ରାମକୃଷ୍ଣ ପରମହଂସଙ୍କ ଉକ୍ତି 'ଯେତେ ମତ, ସେତେ ପଥ'ରେ ନିହିତ ଥିଲା । ବିବେକାନନ୍ଦ ପୁଣି ଚିକାଗୋ ବକ୍ତୃତାରେ କହିଥିଲେ, ଯେହେତୁ ପ୍ରତି ଧର୍ମରେ ସତ୍ୟ ନିହିତ ଅଛି, ଜଣେ ଖ୍ରୀଷ୍ଟିଆନ୍ ହିନ୍ଦୁ କି ବୌଦ୍ଧ ହେବା ଜରୁରୀ ନୁହେଁ, କି ଜଣେ ହିନ୍ଦୁ କି ବୌଦ୍ଧ ଖ୍ରୀଷ୍ଟିଆନ୍ ହେବା ଜରୁରୀ ନୁହେଁ । କିନ୍ତୁ ଅନ୍ୟପକ୍ଷରେ ଯେହେତୁ ପ୍ରତି ଧର୍ମରେ ଅନ୍ତିମ ସତ୍ୟ ଲୁକ୍‌କାୟିତ ଅଛି, ତେଣୁ ବିଭିନ୍ନ ଧର୍ମର ଅନୁଗାମୀମାନଙ୍କ ମଧ୍ୟରେ ପାରସ୍ପରିକ ସଦ୍ଭାବ ଓ ଆଦାନ-ପ୍ରଦାନ ପ୍ରକ୍ରିୟାକୁ ଅଧିକ ମଜଭୁତ୍ କରିବା ହିଁ ହେଉଛି ପ୍ରତି ଧର୍ମର ଅସଲ ସ୍ୱାର୍ଥ । ସୁତରାଂ ଯେଉଁ 'ସ୍ୱାମୀ'ମାନେ ବା ସେମାନଙ୍କର ଅନୁଗାମୀମାନେ ଆଜି ବନ୍ଧୁକ-ତଲୱାର୍‌ର ଭୟ ଦେଖାଇ, ବା

ପୋଡାଜଳା ଓ ଲୁଟ୍‌ତରାଜ କରି କନ୍ଧମାଳରେ ଖ୍ରୀଷ୍ଟିଆନ୍‌ମାନଙ୍କୁ ପୁଣି ହିନ୍ଦୁ କରାଉଛନ୍ତି, ସେମାନେ ହିନ୍ଦୁଧର୍ମର ବିନ୍ଦୁବିସର୍ଗ ବୁଝିନାହାନ୍ତି କି ଭାରତର ପ୍ରକୃତ ସ୍ୱାମିଜୀଙ୍କ ବାର୍ତ୍ତାକୁ ବୁଝିପାରିନାହାନ୍ତି ।

**ସ୍ୱାମିଜୀଙ୍କ ଦୃଷ୍ଟିରେ ଖ୍ରୀଷ୍ଟଧର୍ମ**

ସ୍ୱାମିଜୀଙ୍କ ଦୃଷ୍ଟିରେ ଯୀଶୁଖ୍ରୀଷ୍ଟ ଥିଲେ ଜଣେ ପ୍ରାଚ୍ୟ ଦୁନିଆର ପୟଗମ୍ବର, ଯାହାଙ୍କର ବାଣୀ 'ଭଗବାନଙ୍କ ରାଜ୍ୟ ତୁମ ହୃଦୟରେ ଅଛି' ଠିକ୍ ଉପନିଷଦ୍‌ର ବାଣୀ 'ତତ୍ ତ୍ୱମ୍ ଅସି' (ତୁମେ ହିଁ ସେହି) ଭଳି । ବାଇବେଲ୍‌ରେ ଯେଉଁ ପ୍ରାକୃତିକ ଏବଂ ସାମାଜିକ ଦୃଶ୍ୟରାଜିର ବର୍ଣ୍ଣନା ଅଛି, ତାହାସବୁ ପ୍ରାଚ୍ୟ ଦୁନିଆର । ଭାରତରେ ଖ୍ରୀଷ୍ଟିଆନ୍ ମିସ୍‌ନାରୀମାନଙ୍କ କାର୍ଯ୍ୟକଳାପ ବିଷୟରେ ସେ କହିଛନ୍ତି ଯେ, ପ୍ରଥମେ ସ୍ପେନ୍ ଓ ପର୍ତ୍ତୁଗାଲ୍‌ରୁ ଯେଉଁ ଆକ୍ରମଣକାରୀମାନେ ଭାରତୀୟ ଉପମହାଦେଶକୁ ଆସିଲେ, ସେମାନେ ବଳପୂର୍ବକ ହିନ୍ଦୁ ଓ ବୌଦ୍ଧମାନଙ୍କୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଯେତେବେଳେ ଇଂଲଣ୍ଡର ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତକୁ ଆସିଲେ ସେମାନେ କେବଳ ବ୍ୟବସାୟ ଓ କ୍ଷମତା ରାଜନୀତିରେ ବୁଡିରହିଲେ ଏବଂ ଖ୍ରୀଷ୍ଟଧର୍ମ ପ୍ରସାର ପ୍ରତି ଦୃଷ୍ଟି ଦେଇନଥିଲେ, ବରଂ ହିନ୍ଦୁମାନେ ହିଁ ମିସ୍‌ନାରୀମାନଙ୍କୁ ଏ ଦେଶକୁ ଡାକି ଆଣିଥିଲେ । ସେମାନଙ୍କ ଭିତରୁ ଅନେକ ଯୀଶୁଙ୍କ ପ୍ରକୃତ ଅନୁଗାମୀ ଥିଲେ । "ମୋର ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ରହିଛି । ଡଃ ଲଙ୍ଗ୍ ବୋଲି ଜଣେ ମିସ୍‌ନାରୀ ଲୋକଙ୍କ ପାଇଁ ଲଢିଥିଲେ । ସେ ଭାରତରେ ନୀଳଚାଷର ଅପକାରିତା ବିଷୟରେ ଲିଖିତ ଏକ ହିନ୍ଦୀ ନାଟକକୁ ଅନୁବାଦ କରିଥିଲେ, ଯେଉଁଥିପାଇଁ କି ବ୍ରିଟିଶ୍ ସରକାର ତାଙ୍କୁ ଜେଲ୍‌ରେ ପୁରାଇ ଥିଲେ ।" କିନ୍ତୁ ସବୁଧର୍ମର ପ୍ରଚାରକଙ୍କ ଭିତରେ ଯେମିତି ଠକ, ସଂକୀର୍ଣ୍ଣମନା ଓ ସ୍ୱାର୍ଥାନ୍ୱେଷୀ ଦଳ ଅଛନ୍ତି, ସେମିତି କେତେକ ମିସ୍‌ନାରୀ ଯୀଶୁଖ୍ରୀଷ୍ଟଙ୍କ ନାମ ନେଇ ସମସ୍ତ ପ୍ରକାର ଯୀଶୁ-ପରିପନ୍ଥୀ କାର୍ଯ୍ୟକଲେ । "ମୁଁ ସେହି ହିନ୍ଦୁକୁ ବିଚରା କହୁଛି, ଯେ କି ଯୀଶୁଖ୍ରୀଷ୍ଟଙ୍କ ଚରିତ୍ରରେ ଗାରିମା ଦେଖିପାରେ ନାହିଁ, ଏବଂ ମୁଁ ସେହି ଖ୍ରୀଷ୍ଟିଆନ୍‌କୁ ବିଚରା କହୁଛି, ଯେ କି ହନ୍ଦୁମାନଙ୍କ ଭିତରେ ଜନ୍ମିଥିବା ଯୀଶୁମାନଙ୍କୁ ସମ୍ମାନ ଦେଇ ଜାଣେନା" । *(ଦ୍ରଷ୍ଟବ୍ୟ- ଯୁକ୍ତରାଷ୍ଟ୍ର ଆମେରିକାର ଡେଟ୍ରୟଟ୍‌ରେ ୧୧ ମାର୍ଚ୍ଚ ୧୮୯୪ରେ ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ)*

**ସ୍ୱାମିଜୀଙ୍କ ଧର୍ମାନ୍ତରୀକରଣ ପଦ୍ଧତି**

ବିବେକାନନ୍ଦ ଚିକାଗୋ ବକ୍ତୃତାରେ ଯେ କୌଣସି ପ୍ରକାର ଧର୍ମାନ୍ତରୀକରଣକୁ ନିଷ୍ପ୍ରୟୋଜନ ମନେ କରିଥିଲେ, ଏବଂ ୧୮୯୭ରେ ସେ ପ୍ରତିଷ୍ଠା କରିଥିବା ରାମକୃଷ୍ଣ ମିଶନ୍‌ର ଆଭିମୁଖ୍ୟ ଭିତରେ ଅନ୍ୟ ଧର୍ମର ଜଣେ ବ୍ୟକ୍ତିକୁ ହିନ୍ଦୁଧର୍ମରେ ଦୀକ୍ଷିତ କରିବା ପାଇଁ କୌଣସି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ନଥିଲା । କିନ୍ତୁ ଏକଥା ସତ, ସେ ମଧ୍ୟ ଧର୍ମାନ୍ତରୀକରଣ କରାଇଛନ୍ତି, ଯଦିଓ ଏହାର ଦୃଷ୍ଟିଭଙ୍ଗୀ ଓ ଶୈଳୀ ସଂପୂର୍ଣ୍ଣ ନିଆରା ଥିଲା । ଉଦାହରଣ ସ୍ୱରୂପ, ମାର୍ଗରେଟ୍ ନୋବେଲ୍ (୧୮୬୭-୧୯୧୧) ଆୟର୍ଲାଣ୍ଡର ଜଣେ ଖ୍ରୀଷ୍ଟଧର୍ମ ପ୍ରଚାରକଙ୍କ କନ୍ୟାଥିଲେ, ଯେ କି ଇଂଲଣ୍ଡରେ ବିବେକାନନ୍ଦଙ୍କ ବେଦାନ୍ତ ବ୍ୟାଖ୍ୟାରେ ଆକୃଷ୍ଟ ହୋଇ ଭାରତକୁ ଆସିଲେ ଏବଂ ଭାରତରେ ରହି ଭାତରୀୟ ଓ ହିନ୍ଦୁମାନଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗ କରିବାକୁ ଚାହିଁଲେ । ବିବେକାନନ୍ଦ ୨୫ମାର୍ଚ୍ଚ ୧୮୯୮ରେ ଔପଚାରିକ ଢଙ୍ଗରେ ତାଙ୍କୁ ଜଣେ ଶିଷ୍ୟା ଭାବେ ଗ୍ରହଣ କଲେ ଏବଂ ନୁତନ ନାଁ 'ନିବେଦିତା' ଅର୍ପଣ କଲେ । ଭଗ୍ନୀ ନିବେଦିତା ଭାରତୀୟ ଓ ହିନ୍ଦୁ ସଭ୍ୟତାର ପରମ୍ପରା ଓ ମନିଷୀଙ୍କ ଉପରେ ଅନେକ ଗ୍ରନ୍ଥ ରଚନା କରିଛନ୍ତି, ଏବଂ ବିବେକାନନ୍ଦଙ୍କ ମୃତ୍ୟୁ ପରେ ଭାରତରେ ରହି ଏକାଧାରରେ ବେଦାନ୍ତ ପ୍ରସାର ସହ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଛନ୍ତି । କେବଳ ସେତିକି ନୁହେଁ, ସବାଶେଷରେ ଦାର୍ଜିଲିଂରେ ହିନ୍ଦୁ ପରମ୍ପରା ଅନୁଯାୟୀ ତାଙ୍କ ଶବକୁ ଅଗ୍ନିରେ ସତ୍କାର କରାଯାଇଥିଲା । ଏଠାରେ ଉଲ୍ଲେଖନୀୟ ଯେ, ସ୍ୱାମିଜୀ କେବେ ତାଙ୍କୁ ଖ୍ରୀଷ୍ଟଧର୍ମ ଛାଡିବା ପାଇଁ କହିନାହାନ୍ତି । ଏହା ଆହୁରି ତାତ୍ପର୍ଯ୍ୟପୂର୍ଣ୍ଣ ଯେ, ମାର୍ଗାରେଟ୍‌ଙ୍କ ଖ୍ରୀଷ୍ଟୀୟ ପରିବାର କି ଚର୍ଚ୍ଚ ତରଫରୁ ସେ ହିନ୍ଦୁ ଧର୍ମକୁ ଆପଣେଇବା ଉପରେ କୌଣସି ଆପତ୍ତି ଉଠିନଥିଲା । ବିବେକାନନ୍ଦ କହୁଥିଲେ, ଧର୍ମ ହେଉଛି ପ୍ରେମ ଭଳି, ଯେଉଁଠି ଆକର୍ଷଣର ନିୟମ କାମ କରିବ, ଧର୍ଷଣ ନୁହେଁ । ସୁତରାଂ ସ୍ୱାମିଜୀଙ୍କ ଆଦର୍ଶ ମାନି ଆମେ ଯଦି ହିନ୍ଦୁ ହୋଇ ଅନ୍ୟଧର୍ମର ଜଣେ ବ୍ୟକ୍ତିକୁ ନିଜ ଧର୍ମକୁ ଆଣିବାକୁ ଚାହୁଁ, ତେବେ ସେଥିପାଇଁ ନିଜର ବୌଦ୍ଧିକ ଉତ୍କର୍ଷ, ମହୋଦାରତା ଏବଂ ନିସର୍ତ୍ତ ସେବାପରାୟଣତା ମାଧ୍ୟମରେ ହିଁ ପ୍ରୟାସ କରିବାକୁ ପଡିବ, ନଚେତ୍ ବୁଝିବାକୁ ପଡିବ ଭଗବାନ କୃଷ୍ଣଙ୍କର ପଲପଲ ବାଲୁଙ୍ଗା ପୁଅ ଭଳି ଏବେକାର ସ୍ୱାମୀମାନେ କଳାପାହାଡର ବଂଶଧର ।

**ହିନ୍ଦୁମାନଙ୍କୁ ସ୍ୱାମିଜୀଙ୍କ ଆହ୍ୱାନ୍**

ଆମେ କଥା କଥାକେ କହିଥାଉ, ଅତୀତରେ ଭାରତ ବହୁତ ଆଗେଇ ଥିଲା, କିନ୍ତୁ ମୁସଲ୍‌ମାନ ଓ ବ୍ରିଟିଶ୍ ଶାସନ ଯୋଗୁଁ ଏହା ଦୁର୍ବଳ ହୋଇପଡିଛି । କିନ୍ତୁ ସ୍ୱାମିଜୀ ଠିକ୍ ଓଲଟା କଥା କହିଛନ୍ତି । ତାଙ୍କ ମତରେ, ଆମଦେଶରେ ହିନ୍ଦୁଧର୍ମର ଉଚ୍ଚନୀଚ ଜାତିଆଣ ପ୍ରଥାକୁ ଆଧାର କରି ଯେତେସବୁ ସୁବିଧାଭୋଗୀ ଗୋଷ୍ଠୀ ଗଢିଉଠିଥିଲେ, ବ୍ରିଟିଶ୍ ସରକାର ସେମାନଙ୍କୁ ଶକ୍ତ ଧକ୍କା ଦେଇପାରିଛି । ସେହିପରି ମୁସ୍‌ଲିମ୍ ଶାସନର କଲ୍ୟାଣରୁ ଆମ ଦେଶର ଗରୀବ ଏବଂ ଦଳିତଦଳାନ୍ତ ଲୋକେ ମୁକ୍ତିର ସ୍ୱାଦ ଚାଖିପାରିଲେ । ଏହି କାରଣରୁ ଆମ ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି ମୁସଲ୍‌ମାନ । ଏବେ ଯେଉଁ ଅସ୍ପୃଶ୍ୟ ଜାତିମାନେ ଅଛନ୍ତି, ଆମେ ସବର୍ଣ୍ଣ ହିନ୍ଦୁମାନେ ଯଦି ସେମାନଙ୍କୁ ଆମସାଙ୍ଗରେ କୋଳେଇ ନନେବା, ତେବେ ସେମାନେ ମଧ୍ୟ ନିଜ ଧର୍ମ ପରିବର୍ତ୍ତନ କରିବାକୁ ବାଧ୍ୟ ହେବେ; କାରଣ ସେମାନେ ଭଲକରି ଜାଣିଛନ୍ତି, ଯଦି ତଦ୍ୱାରା ସେମାନେ ଇଂଲିଶ୍ କି ମୁସ୍‌ଲିମ୍ ନାଁରେ ପରିଚିତ ହେବେ, ତେବେ ଆମେ ସେମାନଙ୍କୁ ଛୁଇଁବା ପାଇଁ କୁଣ୍ଠିତ ହେବୁନାହୁଁ *(ଦ୍ରଷ୍ଟବ୍ୟ- ସ୍ୱାମୀ ବିବେକାନନ୍ଦଙ୍କ ମାନ୍ଦ୍ରାସ ଭାଷଣ, ୧୮୯୭)* । ସ୍ୱାମିଜୀ ପୁଣି କହିଛନ୍ତି, ଯଦି ଆମେ ଶିବ ବା ହରିଙ୍କୁ ପ୍ରକୃତରେ ସର୍ବମାନ୍ୟ କର୍ତ୍ତା ବୋଲି ମନେ କରୁଥାଉ, ତେବେ ଯେତେବେଳେ ଜଣେ ମୁସ୍‌ଲିମ୍ କାବା ଦିଗରେ ନଇଁପଡି ବା ଜଣେ ଖ୍ରୀଷ୍ଟିୟାନ୍ ଗୀର୍ଜାରେ ଆଣ୍ଠୁମାଡି ବା ଜଣେ ବୌଦ୍ଧ ତା'ର ଉପାସନା ସ୍ଥଳରେ ପ୍ରାର୍ଥନା କରୁଛି, ସେତେବେଳେ ସେମାନେ ପ୍ରଭୁଙ୍କର ଯେଉଁ ନାମ ଉଚ୍ଚାରଣ କରନ୍ତୁ ନା କାହିଁକି, ଆମେ ଭାବିବୁ, ସେମାନେ ସେହି ଅଦ୍ୱିତୀୟ ସର୍ବମାନ୍ୟ କର୍ତ୍ତାଙ୍କୁ ହିଁ ସ୍ମରଣ କରୁଛନ୍ତି । କାରଣ, ଆମ ଧର୍ମ ଆମକୁ ଶିକ୍ଷା ଦେଇଛି, ଏକଂ ସତ୍, ବିପ୍ରା ବହୁଧା ବଦନ୍ତି *(ଦ୍ରଷ୍ଟବ୍ୟ- ସ୍ୱାମୀ ବିବେକାନନ୍ଦଙ୍କ କଲମ୍ବୋ ଭାଷଣ, ୧୮୯୭)*

**ଚାଲ, ବିଧ୍ୱସ୍ତ ଗୀର୍ଜାଘରର ପୁନଃନିର୍ମାଣ କରିବା**

ମନେ ହେବ, କନ୍ଧମାଳରେ ବର୍ତ୍ତମାନ ହିନ୍ଦୁଧର୍ମର ଦ୍ୱାହି ଦେଇ ଏବଂ କୌଣସି ଏକ ସ୍ୱାମୀଙ୍କ ନାଁ ନେଇ ଏକ ଦୁର୍ବୃତ୍ତଦଳ ଖ୍ରୀଷ୍ଟିଆନ୍‌ମାନଙ୍କ ଘରଦ୍ୱାର ଓ ସମାନଙ୍କ ଚର୍ଚ୍ଚ ଉପରେ ଗତ ମାସାଧିକ କାଳ ଧରି ଯେଉଁ ବର୍ବରତା ଘଟାଇଚାଲିଛନ୍ତି, ତାକୁ ହିଁ ଲକ୍ଷ୍ୟ କରି ସ୍ୱାମୀ ବିବେକାନନ୍ଦ ସମଗ୍ର ହିନ୍ଦୁ ଜାତିକୁ ଏହି ଉଦାତ୍ତ ଆହ୍ୱାନ୍ ଦେଉଛନ୍ତି, "କେବଳ ଏହି ଭାରତରେ ହିଁ ହିନ୍ଦୁମାନେ ଖ୍ରୀଷ୍ଟିଆନ୍‌ମାନଙ୍କ ପାଇଁ ଗୀର୍ଜା ଓ ମୁସ୍‌ଲିମ୍‌ମାନଙ୍କ ପାଇଁ ମସ୍‌ଜିଦ୍ ତୋଳାଇ ଦେଇଥାନ୍ତି । ଆମକୁ ଯିଏ ଯେତେ ଘୃଣା କରନ୍ତୁ ନା କାହିଁକି, ଆମ ଉପରେ ଯିଏ ଯେତେ ନିର୍ଯ୍ୟାତନା କରିଥାନ୍ତୁ ନା କାହିଁକି ଓ ଆମ ପ୍ରତି ଯିଏ ଯେତେ କୁଭାଷା ପ୍ରୟୋଗ କରୁଥାନ୍ତୁ ନା କାହିଁକି, ଆମେ ଖ୍ରୀଷ୍ଟିଆନ୍‌ମାନଙ୍କ ପାଇଁ ଗୀର୍ଜା ଓ ମୁସ୍‌ଲିମ୍‌ମାନଙ୍କ ପାଇଁ ମସ୍‌ଜିଦ୍ ନିଶ୍ଚିତ ରୂପେ ତୋଳିଚାଲିବୁ ଏବଂ ଏହି ପ୍ରକ୍ରିୟାରେ ଆମେ ସେମାନଙ୍କର ଶ୍ରଦ୍ଧା ହାସଲ କରିବୁ ଏବଂ ଦୁନିଆକୁ ଦେଖାଇ ଦେବୁ, ଘୃଣା ନୁହେଁ, ଶ୍ରଦ୍ଧା ହିଁ ସବୁଠୁଁ ବଳିଷ୍ଠ ଓ ଦୀର୍ଘସ୍ଥାୟୀ ଶକ୍ତି, ତଥା ସୌଜନ୍ୟ ହିଁ କେବଳ ତିଷ୍ଠି ରହିପାରିବ ଏବଂ ସୁଫଳ ଆଣିଦେବ, ପାଶବିକ କି ଦୈହିକ ବଳ ନୁହେଁ ।" *(ଦ୍ରଷ୍ଟବ୍ୟ- କୁମ୍ଭକୋନମ୍ ଠାରେ ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ, ୧୮୯୭)*

Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, Dt- 26 Sept. 08